# ଖାଦ୍ୟ ଅଧିକାର ଉପରେ ଚର୍ଚ୍ଚା

## ଆୟୋଜକ- ଜେ.କେ.ଏସ୍.

୧୫ ମାର୍ଚ୍ଚ, ୨୦୧୦,

ନବକୃଷ୍ଣ ଚୌଧୁରୀ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର

# ପ୍ରସ୍ତାବିତ
# ଖାଦ୍ୟ ନିରାପତ୍ତା ବିଲ୍ – ଏକ ଜିଜ୍ଞାସା

*ଉପସ୍ଥାପକ*- ଚିତ୍ତ ବେହେରା,
୪ଏ, ଜୁବୁଲି ଟାଓ୍ୱାର୍, ଚୌଧୁରୀ ବଜାର, କଟକ-୯
ମୋବାଇଲ୍- ୯୪୩୭୫୭୭୫୪୬,
ଇମେଲ୍ – **chittabehera1@yahoo.co.in, chittabehera1@gmail.com**
ଓ୍ୱେବ୍‌ସାଇଟ୍ – **www.chittabehera.com**

# ପୃଷ୍ଠଭୂମି

**ବର୍ତ୍ତମାନ ସ୍ଥିତି-** କେନ୍ଦ୍ର ସରକାର ପ୍ରତି ବିପିଏଲ୍ ପରିବାରଙ୍କୁ ଚାଉଳ କେଜି ପିଛା ଟ୫.୬୫ ଏବଂ ଗହମ କେଜି ପିଛା ଟ୪.୧୫ ହିସାବରେ ମାସକୁ ୩୫ କେଜି ଦେଉଛନ୍ତି । ୧୯୯୩-୯୪ର ଯୋଜନା କମିଶନ୍‌ଙ୍କ ସର୍ଭେ ଏବଂ ୨୦୦୦ ମସିହାର ରେଜିଷ୍ଟ୍ରର୍ ଜେନେରାଲ୍‌ଙ୍କ ପରିସଂଖ୍ୟାନକୁ ଭିତ୍ତି କରି ବର୍ତ୍ତମାନ କେନ୍ଦ୍ର ସରକାର ୬ କୋଟି ୫୨ ଲକ୍ଷ ବି.ପି.ଏଲ୍. ପରିବାରଙ୍କୁ ରିହାତି ମୂଲ୍ୟରେ ଖାଦ୍ୟଶସ୍ୟ ଯୋଗାଉଛନ୍ତି । ଏପିଏଲ୍ ପରିବାରମାନେ ବର୍ତ୍ତମାନ ମାସକୁ ୧୦ କେଜିରୁ ୩୫ କେଜି ଭିତରେ ଚାଉଳ/ଗହମ ପାଉଛନ୍ତି । ଏହାଛଡା ବିଭିନ୍ନ ସ୍ୱତନ୍ତ୍ର ସ୍କିମ୍ (ଯଥା ଅନ୍ତୋଦୟ ଅନ୍ନ ଯୋଜନା, ଅନ୍ନପୂର୍ଣ୍ଣା ଯୋଜନା, ଜାତୀୟ ବାର୍ଦ୍ଧକ୍ୟ ପେନସନ୍ ସ୍କିମ୍ ଜାତୀୟ ଇତ୍ୟାଦି) ମଧ୍ୟ ଚାଲୁରହିଛି ।

**ଖାଦ୍ୟମନ୍ତ୍ରୀ (ଶରଦ ପାଓ୍ୱାର୍)ଙ୍କ ଦମ୍ଭୋକ୍ତି-** ୨୦୦୦-୨୦୦୧ରେ ରିହାତି ଖାଦ୍ୟ ଯୋଗାଣ ବାବଦକୁ କେନ୍ଦ୍ର ସରକାର ୧୨ ହଜାର କୋଟି ଖର୍ଚ୍ଚ କରୁଥିବା ବେଳେ ୨୦୦୯-୧୦ରେ ଏହି ପରିମାଣ ୬୫ ହଜାର କୋଟି ଟଙ୍କାରେ ପହଞ୍ଚିଛି । ସର୍ବସାଧାରଣ ବଣ୍ଟନ ବ୍ୟବସ୍ଥା (ପି.ଡି.ଏସ୍.) ଜରିଆରେ ରିହାତି ଖାଦ୍ୟ ଯୋଗାଣ ବ୍ୟବସ୍ଥା ଯୋଗୁଁ **୨୦୦୨ ଠାରୁ ନିମ୍ନୋକ୍ତ ହାରରେ ଖାଦ୍ୟ ଯୋଗାଣ କରାହୋଇ ଆସୁଛି-**

- ଅନ୍ତୋଦୟ ଓ ଅନ୍ନପୂର୍ଣ୍ଣା ହିତାଧିକାରୀ ମାନଙ୍କ ପାଇଁ ଗହମ କେଜି ୨ଟଙ୍କା ଓ ଚାଉଳ କେଜି ୩ଟଙ୍କା
- ବି.ପି.ଏଲ୍.ଙ୍କ ପାଇଁ ଗହମ କେଜି ଟ ୪.୧୫ ଓ ଚାଉଳ କେଜି ଟ୫.୬୫

**ରିହାତି ହାରରେ ଖାଦ୍ୟ ଯୋଗାଣ ପାଇଁ କେନ୍ଦ୍ର ସରକାର କେଜି ପିଛା ନିମ୍ନମତେ ଅର୍ଥରାଶି ବହନ କରୁଛନ୍ତି-**

- **ଏପିଏଲ୍‌ଙ୍କ ପାଇଁ ଗହମ ୯ଟଙ୍କା, ଚାଉଳ ୧୧ଟଙ୍କା**
- **ବିପିଏଲ୍‌ଙ୍କ ପାଇଁ ଗହମ ୧୧ଟଙ୍କା, ଚାଉଳ ୧୩ଟଙ୍କା**
- **ଅନ୍ତୋଦୟ ଓ ଅନ୍ନପୂର୍ଣ୍ଣା ପାଇଁ ଗହମ ୧୩ଟଙ୍କା, ଚାଉଳ ୧୬ଟଙ୍କା**

*(୬ ଫେବୃଆରି, ୨୦୧୦ରେ ମୁଖ୍ୟମନ୍ତ୍ରୀମାନଙ୍କ ସମ୍ମିଳନୀରେ ଖାଦ୍ୟମନ୍ତ୍ରୀଙ୍କ ଭାଷଣ)*

**ଅନ୍ତୋଦୟ ଅନ୍ନ ଯୋଜନା** ଅନ୍ତର୍ଭୁକ୍ତ ଗୋଟିଏ ବି.ପି.ଏଲ୍. ପରିବାରକୁ ମାସିକ ୩୫ କେଜି ଚାଉଳ ବା ଗହମ ମିଳୁଛି ଏବଂ କେଜି ପିଛା ୨ଟଙ୍କା ହିସାବରେ । ପ୍ରସ୍ତାବିତ ଖାଦ୍ୟ ନିରାପତ୍ତା ଆଇନ୍‌ରେ ଏହି ଯୋଜନାର ହିତାଧିକାରୀମାନେ ଅନ୍ୟ ବି.ପି.ଏଲ୍. ପରିବାରଙ୍କ ଭଳି ମାସକୁ ୨୫ କେଜି ଏବଂ କେଜି ପିଛା ୩ଟଙ୍କା ମୂଲ୍ୟରେ ଖାଦ୍ୟଶସ୍ୟ ପାଇବେ ।

**ଅନ୍ନପୂର୍ଣ୍ଣା ଯୋଜନା-** ଯେଉଁ ୬୫ବର୍ଷର ବୟସ୍କ ନାଗରିକମାନେ ଜାତୀୟ ବାର୍ଦ୍ଧକ୍ୟ ପେନସନ୍ ସ୍କିମ୍ ଅଧୀନରେ ମାସିକ ଭତ୍ତା ପାଇବା ପାଇଁ ଯୋଗ୍ୟ ଅଥଚ କୌଣସି କାରଣରୁ ସେମାନେ ଏଥିରୁ ବଞ୍ଚିତ ଅଛନ୍ତି, ସେମାନଙ୍କୁ ଅନ୍ନପୂର୍ଣ୍ଣା ଯୋଜନା ଅନୁଯାୟୀ ବର୍ତ୍ତମାନ ଜଣପିଛା ମାସକୁ ମାଗଣା ୧୦ କେଜି ଚାଉଳ ବା ଗହମ ଦିଆଯାଉଛି ।

**ସୁପ୍ରିମ୍ କୋର୍ଟ –** ପି.ୟୁ.ସି.ଏଲ୍. ଦ୍ୱାରା ୨୦୦୧ରେ ଆଗତ ଜନସ୍ୱାର୍ଥ ମାମଲାକୁ ଶୁଣାଣି କରି ବିଭିନ୍ନ ପର୍ଯ୍ୟାୟରେ ବିଭିନ୍ନ ସୁପାରିଶ୍ –

- ପ୍ରତି ବି.ପି.ଏଲ୍. ପରିବାରଙ୍କୁ ରିହାତି ମୂଲ୍ୟରେ ୩୫ କେଜି ଚାଉଳ/ଗହମ ଦେବା ପାଇଁ ସୁପାରିଶ୍ ।
- କୋର୍ଟର ବିନାନୁମତିରେ କୌଣସି ସ୍ୱତନ୍ତ୍ର ସ୍କିମ୍‌କୁ ଉଚ୍ଛେଦ କରାଯିବ ନାହିଁ ।

**ନିର୍ବାଚନ ପ୍ରତିଶ୍ରୁତି** - ୨୦୦୯ ନିର୍ବାଚନ ପାଇଁ ପ୍ରକାଶିତ ହୋଇଥିବା କଂଗ୍ରେସ ଇସ୍ତାହାରରେ ପ୍ରତିଶ୍ରୁତି ଦିଆଯାଇଥିଲା ଯେ, ପ୍ରତି ବିପିଏଲ୍ ପରିବାରକୁ କେଜି ୩ଟଙ୍କାରେ ମାସକୁ ୨୫ କେଜି ଚାଉଳ ବା ଗହମ ଯୋଗାଇ ଦିଆଯିବ ।

**ରାଷ୍ଟ୍ରପତିଙ୍କ ଭାଷଣ -** ୪ ଜୁନ୍ ୨୦୦୯ରେ ରାଷ୍ଟ୍ରପତି ପ୍ରତିଭା ପାଟିଲ୍ ସଂସଦକୁ ନିଜର ଅଭିଭାଷଣ ପ୍ରସଙ୍ଗରେ ସୂଚାଇଥିଲେ ଯେ, ଏକ ଜାତୀୟ ଖାଦ୍ୟ ନିରାପତ୍ତା ଆଇନ୍ ପ୍ରଣୟନ କରାଯାଇ ପ୍ରତି ବି.ପି.ଏଲ୍. ପରିବାରକୁ ପ୍ରତିମାସରେ କେଜି ୩ ଟଙ୍କା ହିସାବରେ ମୋଟ୍ ୨୫ କେଜି ଚାଉଳ ବା ଗହମ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯିବ ।

**ବି.ପି.ଏଲ୍. ସଂଖ୍ୟା ଆକଳନ -**

**ଏନ୍.ସି.ସାକ୍ସେନା-** ସୁପ୍ରିମ୍ କୋର୍ଟଙ୍କ ସ୍ୱତନ୍ତ୍ର କମିଶନର୍ ଭାବେ କେନ୍ଦ୍ର ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ ତରଫରୁ ନିୟୋଜିତ ହୋଇ ଯୋଜନା କମିଶନ୍‌ର ପୂର୍ବତନ ସଚିବ ଏନ୍.ସି. ସାକ୍ସେନା ଏକ ସର୍ଭେ କରି ଦର୍ଶାଇଛନ୍ତି ଯେ, ସରକାରୀ ପରିସଂଖ୍ୟାନରେ ସମୁଦାୟ ଜନସଂଖ୍ୟାର ଶତକଡା ୨୮.୩ ଭାଗ ବିପିଏଲ୍ ବୋଲି ଦର୍ଶୀତ ହୋଇଥିବା ବେଳେ ସେମାନଙ୍କ ସଂଖ୍ୟା ଏହାଠାରୁ ଯଥେଷ୍ଟ ଅଧିକ । ଅନ୍ତତଃ ଶତକଡା ୫୦ ଭାଗ ଲୋକଙ୍କୁ ବିପିଏଲ୍ ବୋଲି ମନେ କରିବା ଉଚିତ୍ ହେବ ।

**ଅର୍ଜୁନ ସେନଗୁପ୍ତା କମିଟି-** ତାଙ୍କ ମତରେ ୨୦୦୭ରେ ଦେଶର ସମୁଦାୟ ଜନସଂଖ୍ୟାର ଶତକଡା ୭୭ ଭାଗ ଲୋକ ଦୈନିକ ୨୦ଟଙ୍କାରୁ କମ୍ ଆୟ କରି ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଛନ୍ତି ।

**ତେନ୍ଦୁଲ୍‌କର କମିଟି –** ଭାରତ ସରକାରଙ୍କ ଦ୍ୱାରା ନିୟୋଜିତ ସୁରେଶ ତେନ୍ଦୁଲ୍‌କର କମିଟି ରିପୋର୍ଟ ଅନୁଯାୟୀ ବର୍ତ୍ତମାନ ଦେଶରେ ଶତକଡା ୩୭.୨ ଭାଗ ଲୋକ (ଗ୍ରାମାଞ୍ଚଳରେ ଶତକଡା ୪୧.୮, ଏବଂ ସହରାଞ୍ଚଳରେ ଶତକଡା ୨୫.୭) ବିପିଏଲ୍ ଅଛନ୍ତି । ଏହି ପରିସଂଖ୍ୟାନ ଯୋଜନା କମିଶନ୍‌ଙ୍କ ୨୦୦୪-୦୫ ଆକଳନ ଭିତ୍ତିକ ସଂଖ୍ୟା, ଶତକଡା ୨୮.୩ ଠାରୁ ବେଶ୍ ଅଧିକ । ଏହି କମିଟି ପ୍ରଥମ ଥର ପାଇଁ ପାରମ୍ପରିକ କ୍ୟାଲୋରି-ଭିତ୍ତିକ ଆକଳନ ପଦ୍ଧତି (ଗ୍ରାମାଞ୍ଚଳରେ ୨୪୦୦ କ୍ୟାଲୋରି ଓ ସହରାଞ୍ଚଳରେ ୨୧୦୦ କ୍ୟାଲୋରି)କୁ ଏଡାଇ ଯାଇ ବିପିଏଲ୍ ସଂଖ୍ୟା ନିର୍ଣ୍ଣୟ କରିଛନ୍ତି । ସେ ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ଅତ୍ୟାବଶ୍ୟକ ଖର୍ଚ୍ଚକୁ ମଧ୍ୟ ମାନଦଣ୍ଡ ଭାବେ ବିଚାରକୁ ନେଇଛନ୍ତି । ଏହା ଗ୍ରାମାଞ୍ଚଳରେ ମୁଣ୍ଡପିଛା ୧୫ଟଙ୍କା ଓ ସହରାଞ୍ଚଳରେ ୧୯ଟଙ୍କା (ଯଥାକ୍ରମେ ୧୨ଟଙ୍କା ଓ ୧୭ଟଙ୍କା ପରିବର୍ତ୍ତେ)କୁ ମାନଦଣ୍ଡ ବୋଲି ଧରଛନ୍ତି ।

**କେନ୍ଦ୍ର ସରକାରଙ୍କ ଚିନ୍ତନପତ୍ର -** ୪ ଜୁନ୍ ୨୦୦୯ ତାରିଖରେ ଭାରତ ସରକାରଙ୍କ ଖାଦ୍ୟ ଓ ସର୍ବସାଧାରଣ ବଣ୍ଟନ ବିଭାଗ ତରଫରୁ ବିଭିନ୍ନ ରାଜ୍ୟ ସରକାର ଓ କେନ୍ଦ୍ରାଞ୍ଚଳକୁ

ପ୍ରସ୍ତାବିତ ଆଇନ୍ ସମ୍ବନ୍ଧରେ ଏକ ଚିନ୍ତନ ପତ୍ର ପ୍ରସାର କରାଯାଇ ସେମାନଙ୍କର ମତାମତ ଲୋଡାଯାଇଛି । ଏହାର ମୁଖ୍ୟାଂଶ-

- *ଯୋଜନା କମିଶନ୍‌ଙ୍କ ସର୍ବେକ୍ଷଣ ଅନୁଯାୟୀ, ୧୯୯୩-୯୪ ଆକଳନ ଭିତ୍ତିରେ ମୋଟ୍ ବିପିଏଲ୍ ପରିବାର ସଂଖ୍ୟା ୬.୫୨ କୋଟି ଓ ୨୦୦୪-୦୫ର ଆକଳନ ଭିତ୍ତିରେ ଏହି ସଂଖ୍ୟା ହେବା କଥା ୫.୯୧ କୋଟି, କିନ୍ତୁ ଏବେସୁଦ୍ଧା ଦେଶରେ ଆବଣ୍ଟିତ ବିପିଏଲ୍ କାର୍ଡ ସଂଖ୍ୟା ୧୦.୬୮ କୋଟି (ଅନୁଚ୍ଛେଦ ୬.୨) ।*
- *ତାମିଲନାଡୁରେ ସମସ୍ତ ପରିବାରଙ୍କୁ କେଜି ୧ଟଙ୍କାରେ ବିପିଏଲ୍ ଚାଉଳ ମିଳୁଥିବା ବେଳେ କର୍ଣ୍ଣାଟକ ଭଳି କେତେକ ରାଜ୍ୟରେ ଶତକଡା ୮୩ଭାଗ ପରିବାରଙ୍କୁ କେଜି ୩ଟଙ୍କାରେ ଏହି ସୁବିଧା ମିଳୁଛି । ଆନ୍ଧ୍ର ପ୍ରଦେଶରେ ମଧ୍ୟ ଅତିରିକ୍ତ ସଂଖ୍ୟକ ପରିବାର ବିପିଏଲ୍ ଚାଉଳ କେଜି ପିଛା ୨ଟଙ୍କାରେ ପାଉଛନ୍ତି (ଅନୁଚ୍ଛେଦ ୬.୩) ।*
- *ଯଦିଓ କେନ୍ଦ୍ର ସରକାରଙ୍କ ସର୍ବସାଧାରଣ ବଣ୍ଟନ ବ୍ୟବସ୍ଥା (ନିୟନ୍ତ୍ରଣ) ଆଦେଶ, ୨୦୦୧ ଅନୁଯାୟୀ ରାଜ୍ୟମାନେ ସମୟାନ୍ତରରେ କେନ୍ଦ୍ର ଦ୍ୱାରା ଜାରି ହେଉଥିବା ନିର୍ଦ୍ଦେଶାବଳୀକୁ ମାନିବା କଥା, କିନ୍ତୁ ବାସ୍ତବରେ ତହିଁର ଉଲ୍ଲଂଘନ ହିଁ ମୁଖ୍ୟତଃ ପରିଲକ୍ଷିତ ହୋଇଆସିଛି (ଅନୁଚ୍ଛେଦ ୬.୪) ।*
- *କୌଣସି ରାଜ୍ୟ ନିଜର ବିପିଏଲ୍ ସଂଖ୍ୟା କମାଇବାକୁ ରାଜି ନୁହଁନ୍ତି, ବରଂ ବର୍ଷକୁ ବର୍ଷ ଏହି ସଂଖ୍ୟା ବଢାଇ ଚାଲିଛନ୍ତି । ତେଣୁ ଏଣିକି ନିୟମିତ ଭାବେ ବାର୍ଷିକ ସମୀକ୍ଷା କରାଯାଇ ବିପିଏଲ୍ ସଂଖ୍ୟା ହ୍ରାସ କରାଯିବାକୁ ସୁନିଶ୍ଚିତ କରାଯିବ (ଅନୁଚ୍ଛେଦ ୬.୫) ।*
- *ଏପିଏଲ୍ ଗୋଷ୍ଠୀଙ୍କ ପାଇଁ ଖାଦ୍ୟ ସାମଗ୍ରୀ ଯୋଗାଣ ବ୍ୟବସ୍ଥା ଉଚ୍ଛେଦ କରାଯିବ, ନଚେତ୍ କେବଳ କେତେକ ସ୍ୱତନ୍ତ୍ର, ଦୁର୍ଗମ ଓ ଅଭାବୀ ଅଞ୍ଚଳ ପାଇଁ ପ୍ରଯୁଜ୍ୟ ରହିବ (ଅନୁଚ୍ଛେଦ-୮) ।*
- *ପ୍ରସ୍ତାବିତ ଖାଦ୍ୟ ନିରାପତ୍ତା ଆଇନ୍ କାର୍ଯ୍ୟକାରୀ ହେଲେ, କେବଳ ବିପିଏଲ୍‌ଙ୍କୁ ଖାଦ୍ୟ ଯୋଗାଣ ସ୍କିମ୍ (ଟି-ପିଡିଏସ୍)କୁ ଛାଡି ଅନ୍ୟାନ୍ୟ ସ୍କିମ୍, ଯଥା ଅନ୍ନପୂର୍ଣ୍ଣା, ଗ୍ରାମୀଣ ଶସ୍ୟଗୋଲା, ମଧ୍ୟାହ୍ନ ଭୋଜନ ଓ ଅଙ୍ଗନବାଡି ଇତ୍ୟାଦିର ଉଚ୍ଛେଦ ଘଟିବ ତଥା ବିପିଲ୍ ଗୋଷ୍ଠୀ ଭିତରୁ ବର୍ତ୍ତମାନ ଯେମିତି ଅନ୍ତୋଦୟ ଅନ୍ନ ଯୋଜନାର ହିତାଧିକାରୀଙ୍କ ଉପବର୍ଗକୁ ଚିହ୍ନଟ କରାଯାଉଛି, ସେ ବ୍ୟବସ୍ଥାର ମଧ୍ୟ ଉଚ୍ଛେଦ ଘଟିବ (ଅନୁଚ୍ଛେଦ ୧୦) ।*
- *ଖାଦ୍ୟ ନିରାପତ୍ତା ଆଇନ୍ ଲାଗୁ ହେବା ପରେ ନୂଆ ଭାବେ ବି.ପି.ଏଲ୍. ପରିବାରମାନଙ୍କୁ ଚିହ୍ନଟ କରିବା ପାଇଁ ଏକ ସର୍ବେକ୍ଷଣ କରାଯିବ, ଏବଂ ସେମାନଙ୍କୁ ବି.ପି.ଏଲ୍. କାର୍ଡ ଆବଣ୍ଟନ କରାଯିବ; ଏହି କାର୍ଡ ୫ବର୍ଷ ପାଇଁ ପ୍ରଯୁଜ୍ୟ ରହିବ, କିନ୍ତୁ ବାର୍ଷିକ ସର୍ବେକ୍ଷଣରେ ଯଦି ଗୋଟିଏ ପରିବାର ବିପିଏଲ୍ ସ୍ଥିତିକୁ ଅତିକ୍ରମ କରେ, ତେବେ ତାଙ୍କର କାର୍ଡ ଆପେ ଆପେ ରଦ୍ଦ ହୋଇଯିବ ।*

- *ଆବଶ୍ୟକ ତୁଳନାରେ ଖାଦ୍ୟଶସ୍ୟ ସଂଗ୍ରହରେ ବ୍ୟାପକ ନିଅଣ୍ଟ ଦେଖାଯିବାର ଆଶଙ୍କା  ରହିଛି ଏବଂ ତାକୁ ଭରଣା କରିବା ପାଇଁ ଅତିରିକ୍ତ ସହାୟତା ମୂଲ୍ୟ ଦେଇ ଖୋଲା ବଜାରରୁ ଖାଦ୍ୟଶସ୍ୟ ସଂଗ୍ରହ କରାଯିବ ତଥା ବିଦେଶରୁ ଆମଦାନୀ କରାଯିବ (ଅନୁଚ୍ଛେଦ ୧୨) ।*
- *ଯେଉଁ ହିତାଧିକାରୀମାନେ ଖାଦ୍ୟସାମଗ୍ରୀ ଯୋଗାଣରୁ ବଞ୍ଚିତ ହେବେ, ସେମାନଙ୍କୁ ଖାଦ୍ୟ ନିରାପତ୍ତା ଭତ୍ତା ମିଳିବ, ଏବଂ ଏହି ଭତ୍ତା ରାଜ୍ୟ ସରକାର ପ୍ରଦାନ କରିବେ ଏବଂ ତାହା କେବଳ ଚେକ୍ ମାଧ୍ୟମରେ (ଅନୁଚ୍ଛେଦ ୧୪) ।*
- *ପ୍ରତି ସୁଲଭ ଦୋକାନ ସ୍ତରରେ ଜନସଜାଗତା ଓ ତଦାରଖ କମିଟି ରହିବ ଏବଂ ପଞ୍ଚାୟତ ଏବଂ ନଗରପାଳିକାଙ୍କ ଦ୍ୱାରା ସାମାଜିକ ସମୀକ୍ଷା କରାଯିବ ।*
- *ହିତାଧିକାରୀ ଓ ସେମାନଙ୍କୁ ଖାଦ୍ୟସାମଗ୍ରୀ ଆବଣ୍ଟନର ତଥ୍ୟାବଳୀକୁ କମ୍ପ୍ୟୁଟରୀକରଣ କରାଯିବ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ତ୍ୱରିତ ଅଭିଯୋଗ-ମୀମାଂସା ବ୍ୟବସ୍ଥା ସ୍ଥାନିତ କରାଯିବ (ଅନୁଚ୍ଛେଦ ୧୫) ।*
- *ଆଇନ୍‌ର ଖିଲାପ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଅଭିଯୋଗ ଶୁଣାଣି ପାଇଁ ପ୍ରତି ତହସିଲ୍/ବ୍ଲକ୍ ସ୍ତରରେ ଖାଦ୍ୟ ନିରାପତ୍ତା ନ୍ୟାୟାଳୟ (ଫୁଡ୍ ସିକ୍ୟୁରିଟି ଟ୍ରିବୁନାଲ୍) ସ୍ଥାନିତ ହେବ ଏବଂ ତାହା ବିରୁଦ୍ଧରେ ଅଭିଯୋଗ ଶୁଣାଣି ପାଇଁ ଜିଲ୍ଲାସ୍ତରୀୟ ଟ୍ରିବୁନାଲ୍ ଜିଲ୍ଲାପାଳ/ଅତିରିକ୍ତ ଜିଲ୍ଲାପାଳଙ୍କ କର୍ତ୍ତୃତ୍ୱାଧୀନରେ ଗଠିତ ହେବ ଏବଂ ତାଙ୍କର ନିଷ୍ପତ୍ତି ଚୂଡାନ୍ତ ବିବେଚିତ ହେବ (ଅନୁଚ୍ଛେଦ ୧୬) ।*

**ବଜେଟ୍ ଭାଷଣ ୨୦୦୯-** ୬ ଜୁଲାଇ ୨୦୦୯ରେ ଅର୍ଥମନ୍ତ୍ରୀ ପ୍ରଣବ ମୁଖାର୍ଜୀ ନିଜର ବଜେଟ୍ ଭାଷଣରେ ଏ ପ୍ରକାର ଆଇନ୍ ପ୍ରଣୟନର ପ୍ରସ୍ତାବକୁ ଦୋହରାଇଥିଲେ ।

**ମନ୍ତ୍ରୀସ୍ତରୀୟ ଗୋଷ୍ଠୀ ଗଠନ-** ୧୩ ଜୁଲାଇ ୨୦୦୯ରେ ପ୍ରସ୍ତାବିତ ଆଇନ୍ ଉପରେ ବିଶେଷ ଅନୁଧ୍ୟାନ କରିବା ପାଇଁ କେନ୍ଦ୍ରରେ ଏକ କ୍ଷମତାପ୍ରାପ୍ତ ମନ୍ତ୍ରୀସ୍ତରୀୟ ଗୋଷ୍ଠୀ ଗଠିତ । ଅର୍ଥମନ୍ତ୍ରୀ ପ୍ରଣବ ମୁଖାର୍ଜୀଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଗୋଷ୍ଠୀର ସଭ୍ୟ ଅଛନ୍ତି କୃଷି ମନ୍ତ୍ରୀ ଶରଦ ପାଓ୍ୱାର, ପ୍ରତିରକ୍ଷା ମନ୍ତ୍ରୀ ଏ.କେ.ଅଣ୍ଟୋନି, ରେଳବାଇ ମନ୍ତ୍ରୀ ମମତା ବାନାର୍ଜୀ, ବୟନଶିଳ୍ପ ମନ୍ତ୍ରୀ ଦୟାନିଧି ମାରାନ୍, ବାଣିଜ୍ୟ ମନ୍ତ୍ରୀ ଆନନ୍ଦ ଶର୍ମା ଓ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରୀ ସି.ପି.ଜୋଷୀ । ଏଥିରେ ନିମନ୍ତ୍ରୀତ ସଭ୍ୟ ଅଛନ୍ତି ଯୋଜନା କମିଶନ୍‌ର ଉପାଧ୍ୟକ୍ଷ ମଣ୍ଟେକ୍ ସିଂହ ଆଲୁଓ୍ୱାଲିଆ ।

**ବଜେଟ୍ ଭାଷଣ ୨୦୧୦-** ୨୬.୨.୨୦୧୦ରେ ସଂସଦରେ  କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ବଜେଟ୍ ଭାଷଣ ଅନୁଯାୟୀ, ସରକାର ଏକ ଚିଠା ଖାଦ୍ୟ ନିରାପତ୍ତା ବିଲ୍ ପ୍ରସ୍ତୁତ କରିସାରିଛନ୍ତି, ଯାହାକି ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନିକଟ ଭବିଷ୍ୟତରେ ପ୍ରକାଶ କରାଯିବ । (ବଜେଟ୍ ଭାଷଣ, ଅନୁଚ୍ଛେଦ-୭୨) ।

**ଖାଦ୍ୟମନ୍ତ୍ରୀଙ୍କ ମତିଗତି-** ସମ୍ବାଦପତ୍ରର ସୂଚନା ଅନୁଯାୟୀ, ୨୦୦୯ ଜୁନ୍ ଶେଷ ଭାଗରେ ସୋନିଆ ଗାନ୍ଧିଙ୍କ ଠାରୁ ଏକ ଚିଠା ବିଲ୍ ପ୍ରଧାନମନ୍ତ୍ରୀଙ୍କ ଦପ୍ତରକୁ ପଠାଯାଇଥିଲା । କିନ୍ତୁ ପରବର୍ତ୍ତୀ ଅବସ୍ଥାରେ କ୍ଷମତାପ୍ରାପ୍ତ ମନ୍ତ୍ରୀଗୋଷ୍ଠୀଙ୍କ ସହ ପରାମର୍ଶ କ୍ରମେ ଖାଦ୍ୟ ମନ୍ତ୍ରୀ ଶରଦ ପାଓ୍ୱାର୍‌ଙ୍କ ଦ୍ୱାରା ପ୍ରସ୍ତୁତ ଚିଠା ବିଲ୍ ଏହା ଠାରୁ ବହୁ କ୍ଷେତ୍ରରେ ଭିନ୍ନ ବ୍ୟବସ୍ଥାମାନ ସୁପାରିଶ୍ କରିଛି ।

**ମନ୍ତ୍ରୀଗୋଷ୍ଠୀଙ୍କ ମତିଗତି-** କ୍ଷମତାପ୍ରାପ୍ତ ମନ୍ତ୍ରୀସ୍ତରୀୟ ଗୋଷ୍ଠୀ ଇତିମଧ୍ୟରେ କିଛିଥର ବୈଠକ କରିସାରିଲେଣି । ସମ୍ବାଦପତ୍ରରେ ପ୍ରକାଶିତ ତଥ୍ୟ ଅନୁଯାୟୀ ପ୍ରସ୍ତାବିତ ଆଇନ୍‌ରେ ନିମ୍ନୋକ୍ତ ବ୍ୟବସ୍ଥାମାନ ସ୍ଥାନିତ କରିବା ପାଇଁ ସେମାନଙ୍କର ପରାମର୍ଶ-

- *ପ୍ରତି ରାଜ୍ୟର ହିତାଧିକାରୀ ବି.ପି.ଏଲ୍. ସଂଖ୍ୟା ଯୋଜନା କମିଶନ୍ ମାଧ୍ୟମରେ କେନ୍ଦ୍ର ସରକାରଙ୍କ ଦ୍ୱାରା  ନିର୍ଦ୍ଧାରଣ, କାରଣ ବି.ପି.ଏଲ୍. ସଂଖ୍ୟା ଆକଳନକୁ ନେଇ ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ସହମତି ନାହିଁ ।*
- *କେଜି ପିଛା କେତେ ଟଙ୍କାରେ ଖାଦ୍ୟଶସ୍ୟ ଓ ପ୍ରତି ପରିବାରକୁ ମାସିକ ମୋଟ କେତେ କେଜି ଖାଦ୍ୟଶସ୍ୟ ମିଳିବ, ତାହା ରାଜ୍ୟ ଉପରେ ଛାଡି ଦିଆଯିବ ।*
- *ଯଦି କୌଣସି ରାଜ୍ୟ ନିର୍ଦ୍ଧାରିତ ସଂଖ୍ୟାଠାରୁ ଅଧିକ ବି.ପି.ଏଲ୍ ପରିବାରଙ୍କୁ/ ଅଧିକ ପରିମାଣର ଖାଦ୍ୟଶସ୍ୟ/ ଅଧିକ ରିହାତି ମୂଲ୍ୟରେ ଯୋଗାଇବାକୁ ଚାହାଁନ୍ତି ତେବେ ସଂପୃକ୍ତ ରାଜ୍ୟ ତହିଁର ଅତିରିକ୍ତ ବ୍ୟୟ ବହନ କରିବେ ।*

- ଅନ୍ତୋଦୟ ଅନ୍ନ ଯୋଜନାର ପରିସର ବୃଦ୍ଧି କରି ଏହା ଭିତରେ ନିସହାୟ, ଆଦିମ ଜନଜାତି, ବିକଳାଙ୍ଗ ଏବଂ ବୟସ୍କ ବ୍ୟକ୍ତିମାନଙ୍କୁ ସାମିଲ କରି ପ୍ରତ୍ୟେକଙ୍କ ପାଇଁ ମାସିକ ୩୫ କେଜି ଖାଦ୍ୟଶସ୍ୟ ରିହାତି ମୂଲ୍ୟରେ ଯୋଗାଇ ଦେବା ପାଇଁ ସୁପ୍ରିମ୍ କୋର୍ଟ ସୁପାରିଶ୍ କରିଥିଲେ । କିନ୍ତୁ ପ୍ରସ୍ତାବିତ ଚିଠା-ବିଲ୍ ଅନ୍ତୋଦୟ ଅନ୍ନଯୋଜନାକୁ ପୁରାପୁରି ଉଚ୍ଛେଦ କରିବା ପାଇଁ ପ୍ରସ୍ତାବ କରିଛି ।
- ଚିଠା-ବିଲ୍‌ରେ କେବଳ ଚାଉଳ ଓ ଗହମ ଯୋଗାଣ ବିଷୟରେ କୁହାଯାଇଛି, କିନ୍ତୁ ଅନ୍ୟ କୌଣସି ପୁଷ୍ଟିସାମଗ୍ରୀ ପାଇଁ ବ୍ୟବସ୍ଥା ନାହିଁ ।
- ପ୍ରସ୍ତାବିତ ଆଇନ୍ ଅନୁଯାୟୀ କେନ୍ଦ୍ର ସରକାରଙ୍କର ମୂଳ ଦାୟିତ୍ୱ ହେବ ଖାଦ୍ୟଶସ୍ୟର ସଂଗ୍ରହ ଓ ଆମଦାନୀ ସହିତ ତାକୁ ଗଚ୍ଛିତ ରଖିବା ଏବଂ ଯେଉଁସ୍ଥଳେ କେନ୍ଦ୍ର ଗୋଟିଏ ରାଜ୍ୟକୁ ଖାଦ୍ୟଶସ୍ୟ ଯୋଗାଇ ପାରିବେ ନାହିଁ, ସେପରି ସ୍ଥଳେ ସେ ବାବଦକୁ ଆର୍ଥିକ କ୍ଷତିପୂରଣ ।
- ସେହିପରି କୌଣସି ରାଜ୍ୟ ଯଦି ଗୋଟିଏ ହିତାଧିକାରୀ ପରିବାରକୁ ତାଙ୍କର ପ୍ରାପ୍ୟ ଦେଇନପାରନ୍ତି, ତେବେ କ୍ଷତିପୂରଣ ବାବଦକୁ ଖାଦ୍ୟ ନିରାପତ୍ତା ଭତ୍ତା ଦେବାକୁ ପଡିବ ।
- ହିତାଧିକାରୀମାନଙ୍କ ନିକଟରେ ସେମାନଙ୍କର ପ୍ରାପ୍ୟ ଖାଦ୍ୟଶସ୍ୟ ପହଞ୍ଚାଇବାର ପ୍ରଶାସନିକ ବ୍ୟବସ୍ଥା ରାଜ୍ୟମାନଙ୍କ ଉପରେ ଛାଡି ଦିଆଯିବ ।
- ସରକାରଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ଅନୁଷ୍ଠାନ ମାଧ୍ୟମରେ ଯେଉଁ ପୁଷ୍ଟିକାରକ ଖାଦ୍ୟଦ୍ରବ୍ୟ ମିଳୁଛି, ତାହା ଅବ୍ୟାହତ ରହିବ; ଯଥା ଅଙ୍ଗନବାଡି ମାଧ୍ୟମରେ ତଥା ମହିଳା ଓ ଶିଶୁ କେନ୍ଦ୍ରମାନଙ୍କୁ ମିଳୁଥିବା ପୁଷ୍ଟିକାରକ ଖାଦ୍ୟ ବ୍ୟବସ୍ଥା । ଅଙ୍ଗନବାଡି ସହିତ ମହିଳାଶ୍ରମିକମାନଙ୍କ ପିଲାମାନଙ୍କ ପାଇଁ କ୍ରେଚ୍ ବ୍ୟବସ୍ଥା ସଂଲଗ୍ନ କରାଯିବ ଏବଂ ଅଙ୍ଗନବାଡି କର୍ମୀମାନଙ୍କର ବେତନ ବୃଦ୍ଧି କରାଯିବ ।
- ବିଧବା, ବରିଷ୍ଠ ନାଗରିକ ଓ ବିକଳାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ମାସିକ ୪୦୦ଟଙ୍କାର ପେନ୍‌ସନ୍ ଓ ଗର୍ଭବତୀ ମହିଳାମାନଙ୍କ ପାଇଁ ଗର୍ଭଧାରଣର

*ସପ୍ତମ ମାସ ଠାରୁ ୬ମାସ ପାଇଁ ମୋଟ୍ ଏକ ହଜାର ଟଙ୍କାର ମାତୃକଲ୍ୟାଣ ଭତ୍ତାର ବ୍ୟବସ୍ଥା ପାଇଁ ପ୍ରସ୍ତାବ କରାଯାଇଛି ।*

- *ପ୍ରତି ପରିବାର ନିକଟରେ ପ୍ରାପ୍ୟ ଖାଦ୍ୟଶସ୍ୟ ପହଞ୍ଚାଇବା ପାଇଁ ସରକାରୀ, ଅର୍ଦ୍ଧସରକାରୀ ବା ଗ୍ରାମ କମିଟିକୁ ଦାୟିତ୍ୱ ନ୍ୟସ୍ତ କରାଯିବ ।*
- *କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧିଙ୍କ ସୁପାରିଶ୍ ଥିଲା, ରାଜ୍ୟ ସ୍ତରରେ ଖାଦ୍ୟ କମିଶନରଙ୍କୁ ଅପିଲ୍ କର୍ତ୍ତୃପକ୍ଷ ଭାବେ ନିଯୁକ୍ତ କରାଯିବ ଏବଂ ସେ ଜିଲ୍ଲାସ୍ତରରେ ଉପଦେଷ୍ଟା ନିଯୁକ୍ତ କରିବେ ଏବଂ ଅଭିଯୋଗଗୁଡ଼ିକର ଅନୁସନ୍ଧାନ କରିବେ । କ୍ଷମତାପ୍ରାପ୍ତ ମନ୍ତ୍ରୀଗୋଷ୍ଠୀଙ୍କ ତରଫରୁ କୁହାଯାଇଛି ଯେ, ଚିଠା-ବିଲ୍‌ରେ କେବଳ କେତେକ ମୌଳିକ ବ୍ୟବସ୍ଥା ସୂଚୀତ ହେବ, ଏବଂ ସବିଶେଷ ବ୍ୟବସ୍ଥାମାନ ଅନୁସୂଚୀ, ନିୟମାବଳୀ ଓ ବିଜ୍ଞପ୍ତି ବଳରେ କେନ୍ଦ୍ର ସରକାରଙ୍କ ଦ୍ୱାରା ସମୟାନୁକ୍ରମେ ଘୋଷିତ ହେବ ।*
- *ପ୍ରତି ବି.ପି.ଏଲ୍. ପରିବାରଙ୍କୁ କେଜି ପିଛା ୩ଟଙ୍କାରେ ମାସକୁ ୨୫ କେ.ଜି. ଚାଉଳ ବା ଗହମ ଯୋଗାଣ ବ୍ୟବସ୍ଥା କେବଳ ବର୍ତ୍ତମାନ ସରକାରଙ୍କ କାର୍ଯ୍ୟକାଳ ସରିବା ପର୍ଯ୍ୟନ୍ତ ଲାଗୁ ରହିବ । ସେହି କାରଣରୁ କେଜି ପିଛା ନିର୍ଦ୍ଦିଷ୍ଟ ମୂଲ୍ୟ ଆଇନ୍‌ରେ ସୂଚୀତ ହେବା ଜରୁରୀ ନୁହେଁ ।*

## ଉପସ୍ଥାପକଙ୍କ ପରାମର୍ଶ-

- ତାମିଲନାଡୁ ମଡେଲ୍- ପ୍ରତି ଇଚ୍ଛୁକ କାର୍ଡଧାରୀଙ୍କୁ କେଜି ୧ଟଙ୍କାରେ ଚାଉଳ/ଗହମ, ମାସକୁ ୩୫ କେଜି
- ଗ୍ରାମସ୍ତରୀୟ କମିଟି ମାଧ୍ୟମରେ ଖାଦ୍ୟଶସ୍ୟର ଆବଣ୍ଟନ
- ପ୍ରତି ଘରେ ରିହାତି ଖାଦ୍ୟଶସ୍ୟ ପହଞ୍ଚାଇବାର ବ୍ୟବସ୍ଥା
- ରାଜ୍ୟସ୍ତରୀୟ ଖାଦ୍ୟ କମିଶନ୍ ଗଠନ କରି ସ୍ୱାଧୀନ, ନିରପେକ୍ଷ ଅଭିଯୋଗ ଶୁଣାଣି ଓ ପ୍ରତିକାର ବ୍ୟବସ୍ଥା
- ଅବହେଳାକାରୀ କର୍ମଚାରୀଙ୍କ ବିରୁଦ୍ଧରେ ତାତ୍କାଳୀକ ନିଲମ୍ବନ ଆଦେଶ